# ଜିଲ୍ଲା କାର୍ଯ୍ୟାଳୟ, ନୂଆପଡା

## (ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଉପବିଭାଗ)

ବିଜ୍ଞାପନ ନମ୍ବର ୫୫୭ /ତାରିଖ ୨୨/୨/୨୦୧୮

ଏତଦ୍ୱାରା ସର୍ବସାଧାରଣ ଙ୍କୁ ଜଣାଇ ଦିଆଯାଉଅଛି ଯେ ଚଳିତ ଶିକ୍ଷା ବର୍ଷ ୨୦୧୮-୧୯ ରେ ଓଡିଶା ସରକାରଙ୍କ ସହରାଞ୍ଚଳ ଶିକ୍ଷା କାର୍ଯ୍ୟକ୍ରମ "ଅନ୍ୱେଷା" ଯୋଜନାରେ ଗ୍ରାମାଞ୍ଚଳରେ ବସବାସ କରୁଥିବା ବି.ପି.ଏଲ (B.P.L.) ପରିବାର ଅନ୍ତର୍ଭୁକ୍ତ ଅନୁସୂଚିତ ଜନଜାତି (Schedule Tribe) ଓ ଅନୁସୂଚିତ ଜାତି (Schedule Caste) ଛାତ୍ର ଛାତ୍ରୀ ମାନଙ୍କୁ ଜିଲ୍ଲାରେ ଥିବା Public School ମାନଙ୍କରେ ଶିକ୍ଷା ପ୍ରଦାନ କରାଯିବ । ଚଳିତ ବର୍ଷ ଛାତ୍ର / ଛାତ୍ରୀ ମାନଙ୍କୁ Standard-I ରେ ନାମ ଲେଖାଯିବ । ନୂଆପଡା ଜିଲ୍ଲାରେ ନିମ୍ନ ପ୍ରଦତ୍ତ ସ୍କୁଲକୁ ଏଥି ନିମନ୍ତେ ଚୟନ କରାଯାଇଛି । ଏ ସଂକ୍ରାନ୍ତ ରେ ଆବଶ୍ୟକୀୟ ସମସ୍ତ ଖର୍ଚ୍ଚ ସରକାର ବହନ କରିବେ ।

ଏଣୁ ଆଗ୍ରହୀ ଅଭିଭାବକ ମାନଙ୍କ ଠାରୁ ସେମାନଙ୍କ ପିଲା ମାନଙ୍କୁ ନିମ୍ନ ପ୍ରଦତ୍ତ ସ୍କୁଲରେ ଚଳିତ ବର୍ଷ Standard-I ରେ ପଢାଇବା ନିମନ୍ତେ ଦରଖାସ୍ତ ଆହ୍ୱାନ କରା ଯାଉଅଛି । ଅଭିଭାବକ ମାନେ ନିର୍ଦ୍ଧାରିତ ଫର୍ମ ପୂରଣ କରି ଆବଶ୍ୟକୀୟ କାଗଜାତ/ ପ୍ରମାଣ ପତ୍ର / ତଥ୍ୟ ସହିତ, ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟ, ନୂଆପଡା ଠାରେ ତା.୦୮.୦୩.୨୦୧୮ ସୁଦ୍ଧା ଦରଖାସ୍ତ କରିପାରିବେ । ନିର୍ଦ୍ଧାରିତ ତାରିଖ ପରେ କୌଣସି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ । ସମସ୍ତ ତଥ୍ୟକୁ ଅନୁଧ୍ୟାନ କରି ଏକ କମିଟି ଦ୍ୱାରା ଲଟେରୀ ମାଧ୍ୟମରେ ଛାତ୍ର / ଛାତ୍ରୀଙ୍କୁ ଚୟନ କରାଯିବ । ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟ, ନୂଆପଡା ଓ ସମସ୍ତ ବ୍ଲକ କାର୍ଯ୍ୟାଳୟରେ ଉପଲବ୍ଧ । ଏ ସମ୍ପର୍କରେ ଅନ୍ୟାନ୍ୟ ସୂଚନା ଓ ଦରଖାସ୍ତ ଫର୍ମ ଜିଲ୍ଲା website, www.nuapada.nic.in ରେ ମଧ୍ୟ ଉପଲବ୍ଧ କରା ଯାଇଛି ।

ସହରାଞ୍ଚଳ ଶିକ୍ଷ୍ୟା କାର୍ଯ୍ୟକ୍ରମ, ନୂଆପଡା

| କ୍ର.ନମ୍ବର | ଶିକ୍ଷାନୁଷ୍ଠାନର ନାମ | | ଉପଲବ୍ଧ ସିଟ ସଂଖ୍ୟା |
|---|---|---|---|
| ୧ | ଜ୍ଞାନଜ୍ୟୋତି କାଞ୍ଚନବେନ ରସିକଲାଲ ବିଦ୍ୟାଳୟ, ଗଡତୋର, ନୂଆପଡା (English Medium, CBSE ପାଠ୍ୟକ୍ରମ) | ଛାତ୍ର/ ଛାତ୍ରୀ ମାନଙ୍କର ରହିବା ନିମନ୍ତେ ହଷ୍ଟେଲ ର ସୁବିଧା ଅଛି । | ୨୦୦<br>* ବି:ଦ୍ର-ଉପରୋକ୍ତ ସିଟ ମଧ୍ୟରୁ ୭୦ % ସିଟ S.T. ଛାତ୍ର/ ଛାତ୍ରୀ ତଥା ୩୦ % ସିଟ S.C. ଛାତ୍ର/ ଛାତ୍ରୀ ମାନଙ୍କ ପାଇଁ ଉପଲବ୍ଧ ଅଟେ |
| ୨ | କିସନୀଦେବୀ ଗୋବିନ୍ଦରାମ ସରାଫ ପବ୍ଲିକ ସ୍କୁଲ, ଖରିଆର ରୋଡ (English Medium, CBSE ପାଠ୍ୟକ୍ରମ) | କେବଳ ଦିବାଧାୟି (Day Scholars) | |
| ୩ | ଜ୍ଞାନଜ୍ୟୋତି କାଞ୍ଚନବେନ ରସିକଲାଲ ବିଦ୍ୟାଳୟ, ଖରିଆର ରୋଡ, ନୂଆପଡା (English Medium, CBSE ପାଠ୍ୟକ୍ରମ) | ଛାତ୍ର/ ଛାତ୍ରୀ ମାନଙ୍କର ରହିବା ନିମନ୍ତେ ହଷ୍ଟେଲ ର ସୁବିଧା ଅଛି । | |

22.02.18

ଜିଲ୍ଲା ମଙ୍ଗଳ ଅଧିକାରୀ, ନୂଆପଡା

ପରିପତ୍ର ନମ୍ବର 452 ତାରିଖ 22/2/2018

ଏହାର ଏକ ନକଲ ବିଜ୍ଞାପନ ମେନେଜର, ସମ୍ବାଦ ଓ ଧରିତ୍ରୀ, ସମ୍ବଲପୁର ଙ୍କ ନିକଟ କୁ ତାଙ୍କର ଏକ ଦିନର ମୁଦ୍ରଣ ରେ ପ୍ରକାଶ କରିବା ନିମନ୍ତେ ପଠାଗଲା ।

22.02.18

ଜିଲ୍ଲା ମଙ୍ଗଳ ଅଧିକାରୀ, ନୂଆପଡା

Scanned by CamScanner

## ସହରାଞ୍ଚଳ ଶିକ୍ଷା କାର୍ଯ୍ୟକ୍ରମ- ନୂଆପଡା ଜିଲ୍ଲା, 2018-19

## [ଶ୍ରେଣୀ-୧ (Standard-I) ରେ ନାମଲେଖାପାଇଁ ଦରଖାସ୍ତ ଫର୍ମ]

୧. ଛାତ୍ର/ ଛାତ୍ରୀ ର ନାମ-

୨ ମାତାଙ୍କ ନାମ-

୩ ପିତାଙ୍କ ନାମ-

୪ ସ୍ଥାୟୀ ବାସସ୍ଥାନ ଠିକଣା

ଗ୍ରାମ-

ପୋଷ୍ଟ-

ଗ୍ରାମପଞ୍ଚାୟତ- ବ୍ଲକ-

ଥାନା- ଜିଲ୍ଲା-ନୂଆପଡା

୫ ବର୍ତ୍ତମାନର ଠିକଣା (ଯୋଗାଯୋଗ ନିମନ୍ତେ)

ଗ୍ରାମ-

ପୋଷ୍ଟ-

ଜିଲ୍ଲା-

ପିନ-

୬ ମୋବାଇଲ ନମ୍ବର(ଯଦି ଥାଏ)-

୭ ଛାତ୍ର/ ଛାତ୍ରୀର ବୟସ- ଜନ୍ମତାରିଖ-

(ତା.୦୧-୦୪-୨୦୧୮ ସୁଦ୍ଧା ଛାତ୍ର/ ଛାତ୍ରୀର ବୟସ(୫+) ପାଞ୍ଚବର୍ଷରୁ ଅଧିକ ଏବଂ ସାତ ବର୍ଷ ରୁ କମ ହୋଇଥିବା ଆବଶ୍ୟକ. ଏ ସଂକ୍ରାନ୍ତରେ ଜନ୍ମ ସାର୍ଟିଫିକେଟର ଏକ ଜେରକ୍ସ କପି ଦେବାକୁ ହେବ)

୮ ଆବେଦନକାରୀ କେଉଁ ବର୍ଗର ଅଟନ୍ତି-

ଅନୁସୂଚିତ ଜନଜାତି(ST) ଅନୁସୂଚିତ ଜାତି (SC)

ଉପଜାତି (Sub-Caste) -

(ଦରଖାସ୍ତ ସହିତ ତହସିଲଦାରଙ୍କ ଠାରୁ ପ୍ରାପ୍ତ ଜାତି ସାର୍ଟିଫିକେଟର ଜେରକ୍ସ କପି ଦେବାକୁ ହେବ)

୯ ଛାତ୍ର/ ଛାତ୍ରୀଙ୍କୁ ହଷ୍ଟେଲରେ ରଖିବାକୁ ଚାହୁଁଛନ୍ତି କି ? ହଁ ନାହିଁ

୧୦ ପରିବାରର ବି.ପି.ଏଲ ନମ୍ବର -

(ପରିବାରର ମୁଖ୍ୟଙ୍କ ନାମରେ B.P.L ନମ୍ବର ଥିବା ଆବଶ୍ୟକ) ଗ୍ରାମ-

ଗ୍ରାମପଞ୍ଚାୟତ-

ବ୍ଲକ-

(ବି.ପି.ଏଲ କାର୍ଡର ଏକ ଜେରକ୍ସ କପି ଦେବାକୁ ହେବ)

୧୧ ବି.ପି.ଏଲ ନମ୍ବର ଥିବା ପରିବାରର ମୁଖ୍ୟଙ୍କ ସହିତ ଛାତ୍ର/ ଛାତ୍ରୀର ସମ୍ପର୍କ-

୧୨ କେଉଁ ବିଦ୍ୟାଳୟ ରେ ପଢିବାକୁ ଚାହୁଁଛନ୍ତି (ବିଦ୍ୟାଳୟ ର ନାମ ଉଲ୍ଲେଖ କରନ୍ତୁ) :

ଏତଦ୍ୱାରା ମୁଁ ଘୋଷଣା କରୁଅଛି କି, ମୋ ଦ୍ୱାରା ପ୍ରଦାନ କରାଯାଇଥିବା ଉପରୋକ୍ତ ସମସ୍ତ ତଥ୍ୟ ସତ୍ୟ ଅଟେ । ଯଦି କୌଣସି ତଥ୍ୟ ମିଥ୍ୟା ବୋଲି ଜଣାପଡେ, ତାହାହେଲେ ମୋର ଦରଖାସ୍ତକୁ ନାକଚ କରାଯିବ ।

ପିତା/ ମାତା/ ଅଭିଭାବକଙ୍କ ସ୍ୱାକ୍ଷର

ଛାତ୍ର/ ଛାତ୍ରୀଙ୍କ ସହିତ ସଂପର୍କ-

ତାରିଖ

Scanned by CamScanner